# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**4 June - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭା ନିର୍ବାଚନର ଚାଲିଛି ଭୋଟ୍ ଗଣତି

— ଲୋକସଭାକ୍ଷେତ୍ର ପାଇଁ ବିଜେପି ୨୩୭ଟି ଆସନରେ ଆଗୁଆ

— ରାଜ୍ୟର ୨୧ଟି ଲୋକସଭା ଆସନ ମଧ୍ୟରୁ ୧୯ଟିରେ ବିଜେପି ଆଗୁଆ ଥିବା ବେଳେ ୧୪୭ଟି ବିଧାନସଭା ଆସନ ମଧ୍ୟରୁ ୭୫ଟିରେ ଆଗରେ ରହିଛି

- କୌଣସି ବିଜ୍ଞାପନ ପ୍ରକାଶନ କିମ୍ବା ପ୍ରସାରଣ ପୂର୍ବରୁ ଏଣିକି ବିଜ୍ଞାପନଦାତା ଅଥବା ବିଜ୍ଞାପନ ସଂସ୍ଥା ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୪ ରୁ ୫ ଦିନ ମଧ୍ୟରେ ଓଡ଼ିଶା ସ୍ପର୍ଶ କରିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା

# ନିର୍ବାଚନ ଫଳାଫଳ

ଚଳିତ ସାଧାରଣ ନିର୍ବାଚନର ଭୋଟ୍‌ଗଣତି ଜାରି ରହିଛି।  ଓଡ଼ିଶାର ୨୧ଟି ଲୋକସଭା ଆସନ ସମେତ ମୋଟ୍ ୫୪୨ଟି ଲୋକସଭା ଆସନ ପାଇଁ ଭୋଟ୍‌ଗଣତି ଚାଲିଛି । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ସାରା ଦେଶରେ ୧୦ଲକ୍ଷ ୫ହଜାର ଭୋଟ୍‌ଗଣତି କେନ୍ଦ୍ରରେ ମତଗଣନା ଚାଲିଛି ।

ଆମର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ବିଜେପି **୨୩୯ଟି** ଆସନରେ ଆଗୁଆ ରହିଛି । ଅନ୍ୟପକ୍ଷରେ କଂଗ୍ରେସ **୯୯ଟି** ଆସନରେ ଆଗୁଆ ରହିଛି । ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ ସମାଜବାଦୀ ପାର୍ଟି **୩୫ଟି** ଆସନ, ତୃଣମୂଳ କଂଗ୍ରେସ **୩୧ଟି**, ଡିଏମ୍‌କେ **୨୧ଟି**, ଜେଡିୟୁ **୧୪ଟି**, ଶିବସେନା **୧୧ଟି** ଓ ଏନ୍‌ସିପି **୮ଟି**ରେ ଏବଂ ତେଲୁଗୁଦେଶମ୍ **୧୬ଟି** ଆସନରେ ଆଗୁଆ ରହିଛି ।

ସେହିପରି ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେପି **୧୯ଟି** ଆସନରେ ଆଗୁଆ ଥିବାବେଳେ, ବିଜେଡି ଓ କଂଗ୍ରେସ **ଗୋଟିଏ** ଲେଖାଏଁ ଆସନରେ ଆଗୁଆ ରହିଛନ୍ତି।

ସମ୍ବଲପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡିର ପ୍ରଣବପ୍ରକାଶ ଦାସଙ୍କ ଠାରୁ ୭୩ହଜାରରୁ ଅଧିକ ଭୋଟ୍‌ରେ ଆଗରେ ରହିଛନ୍ତି । ବାଲେଶ୍ୱରରେ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଜେଡିର ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ଠାରୁ ୩୩ହଜାରୁ ଅଧିକ ଭୋଟରେ୍ ଆଗରେ ଏବଂ କଟକରେ ବିଜେପି ପ୍ରାର୍ଥୀ ଭର୍ତ୍ତୃହରୀ ମହତାବ ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ରଙ୍କ ଠାରୁ ୨୪ହଜାରରୁ ଅଧିକ ଭୋଟ୍‌ରେ ଆଗରେ ଅଛନ୍ତି । ପୁରୀରେ ବିଜେପିର ସମ୍ବିତ ପାତ୍ର ବିଜେଡି ପ୍ରାର୍ଥୀ ଅରୁପ ପଟ୍ଟନାୟକଙ୍କ ଠାରୁ ପ୍ରାୟ ୬୫ହଜାର ଭୋଟ୍ ବ୍ୟବଧାନରେ ଆଗରେ ଅଛନ୍ତି । କୋରାପୁଟର କଂଗ୍ରେସ ଲୋକସଭା ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲ୍ଲାକା ୪୭ହଜାରରୁ ଅଧିକ ଭୋଟ୍‌ରେ ଆଗୁଆ ଅଛନ୍ତି ।

ଭୋଟ୍ ଗଣତିର ତାଜା ସ୍ଥିତି ସମ୍ପର୍କରେ ଆମ **ପୁରୀ** ସମ୍ବାଦଦାତା ସୌମିତ୍ର ରଞ୍ଜନ ହରିଚନ୍ଦନ କହନ୍ତି......

## V/o-

ଲୋକସଭା ଆସନ ପାଇଁ ବରଗଡର ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, ସୁନ୍ଦରଗଡରୁ ଜୁଏଲ ଓରାମ,  ମୟୂରଭଞ୍ଜରୁ ନବଚରଣ ମାଝି, ଭଦ୍ରକରୁ ଅଭିମନ୍ୟୁ ସେଠୀ, ଢ଼େଙ୍କାନାଳରୁ ରୁଦ୍ରନାରାୟଣ ପାଣି, ବଲାଙ୍ଗିରରୁ ସଙ୍ଗୀତା କୁମାରୀ ସିଂହଦେଓ, ଭୁବନେଶ୍ୱରରୁ ଅପରାଜିତା ଷଡ଼ଙ୍ଗୀ ଓ ବ୍ରହ୍ମପୁରରୁ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ଆଗରେ ରହିଛନ୍ତି ।

ରାଜ୍ୟରେ ୧୪୭ଟି ବିଧାନସଭା ଆସନ ଲାଗି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଣତି କାର୍ଯ୍ୟ ଚାଲିଛି । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ବିଜେପି **୭୫ଟି** ଆସନରେ ଆଗୁଆ ଥିବାବେଳେ ବିଜେଡି ପ୍ରାର୍ଥୀମାନେ **୫୪ଟି** ଆସନରେ ଆଗରେ ରହିଛନ୍ତି । କଂଗ୍ରେସ **୧୬ଟି** ଆସନରେ ଆଗରେ ରହିଛି । ସିପିଆଇଏମ୍ ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଲେଖାଏଁ ଆସନରେ ଆଗୁଆ ଅଛନ୍ତି ।

ଭୋଟ୍ ଗଣତିର ତାଜା ସ୍ଥିତି ସମ୍ପର୍କରେ ଆମ **ନବରଙ୍ଗପୁର** ସମ୍ବାଦଦାତା ପ୍ରଭାତୀ କୁମାରୀ ବିଶୋୟୀ କହନ୍ତି......

# V/o-

ରାଜ୍ୟରେ ଚାଲିଥିବା ଭୋଟ୍‌ଗଣତି ଧାରା ଅନୁଯାୟୀ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ଗଜପତି ଜିଲ୍ଲାର ୨ଟି ବିଧାନସିଭା ନିର୍ବାଚନମଣ୍ଡଳୀର ଭୋଟଗଣତି ଜାରି ରହିଛି । ଅଷ୍ଟମ ରାଉଣ୍ଡ ଶେଷ ସୁଦ୍ଧା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିଜୟ ପଟ୍ଟନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ରୁପେଶ ପାଣିଗ୍ରାହୀଙ୍କଠାରୁ ୫ ହଜାରରୁ ଅଧିକ ଭୋଟ୍‌ରେ ଆଗୁଆ ଅଛନ୍ତି ।

ସେହିଭଳି ମୋହନ ବିଧାନସଭା ନିର୍ବାଚନମଣ୍ଡରେ ସପ୍ତମ ରାଉଣ୍ଡ ଶେଷ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଦାଶରଥୀ ଗମାଙ୍ଗ ବିଜେଡିର ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କଠାରୁ ୮ ହଜାରରୁ ଅଧିକ ଭୋଟରେ ଆଗୁଆ ଥିଲେ ।

**ବିଜେପୁର** ବିଧାନସଭାମଣ୍ଡଳୀରେ ବିଜେପିର ସନତ କୁମାର ଗର୍ଡ଼ିଆ ୧୨ ରାଉଣ୍ଡ ଗଣତି ଶେଷ ସୁଦ୍ଧା ୫ ହଜାରରୁ ଅଧିକ ଭୋଟ୍‌ରେ ଆଗୁଆ ଅଛନ୍ତି। **ବରଗଡ଼**ର ବିଜେପିର ଅଶ୍ୱିନୀ ଷଡଙ୍ଗୀ ୧୩ ରାଉଣ୍ଡ ଗଣତି ଶେଷ ସୁଦ୍ଧା ୩ ହଜାର ୫୦୦ରୁ ଅଧିକ ଭୋଟରେ ଆଗୁଆ ଅଛନ୍ତି। **ଅତାବିରା** ବିଧାନସଭା ଆସନରେ ବିଜେପିର ନିହାର ରଞ୍ଜନ ମହାନନ୍ଦ, ଉଟଲିରୁ ବିଜେପିର ଇରାଶିଷ ଆଚାର୍ଯ୍ୟ, ବ୍ରଜରାଜନଗରରୁ ବିଜେପିର ସୁରେଶ ପୂଜାରୀ ପ୍ରମୁଖ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କଠାରୁ ଆଗୁଆ ଅଛନ୍ତି।

ଭୋଟ୍ ଗଣତିର ତାଜା ସ୍ଥିତି ସମ୍ପର୍କରେ ଆମ **ମାଲକାନଗିରି** ସମ୍ବାଦଦାତା ଦୁର୍ଗାପ୍ରସାଦ ପଟ୍ଟନାୟକ......

# V/o-

**ଝାରସୁଗୁଡ଼ା**ରେ ବିଜେପିର ତାରାକାନ୍ତ ତ୍ରିପାଠୀ ତାଙ୍କ ନିକଟତ୍ତମ ପ୍ରତିଦ୍ୱନ୍ଦୀଙ୍କଠାରୁ ସାମାନ୍ୟ ଆଗୁଆ ଅଛନ୍ତି। ସେଠାରେ ଆଉ ୪ ରାଉଣ୍ଡ ଗଣତି ବାକି ଅଛି। ତଳସରା ବିଧାନସଭା ଆସନରୁ ବିଜେପିର ଭବାନୀଶଙ୍କର ଭୋଇ ସାଢ଼େ ୭ ହଜାର ଭୋଟ୍‌ରେ ଆଗୁଆ ଅଛନ୍ତି। ରଘୁନାଥପଲ୍ଲୀରେ ବିଜେପିର ଦୁର୍ଗା ଚରଣ ତନ୍ତୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କଠାରୁ ୫ ହଜାରୁ ଅଧିକ ଭୋଟ୍‌ରେ ଆଗୁଆ ଅଛନ୍ତି। **ରାଉରକେଲା**ରେ ବିଜେପିର ଦିଲ୍ଲୀକୁ କୁମାର ରାୟ ମାତ୍ର ୭ ଶହ ୭୦ ରୁ ଅଧିକ ଭୋଟ୍‌ରେ ଆଗୁଆ ଅଛନ୍ତି। ସେଠାରେ ଆଉ ୫ ରାଉଣ୍ଡ ଗଣତି ବାକି ଅଛି।

**ଭଦ୍ରକ** ଜିଲ୍ଲାର ଭୋଟ୍ ଗଣତିର ସଦ୍ୟତମ ସ୍ଥିତି ଆସନ୍ତୁ ଶୁଣିବା ଆମ ସମ୍ବାଦଦାତା ଅଶୋକ କୁମାର ନାୟକଙ୍କ ଠାରୁ......

# V/o-

ଚୌଦ୍ୱାର-କଟକରେ ବିଜେଡ଼ି ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ୩ ହଜାର ୩୦୦ ଭୋଟ୍‌ରେ ଆଗୁଆ ଥିବାବେଳେ କଟକ-ସଦର ଆସନରେ ଚନ୍ଦ୍ରସାରଥୀ ବେହେରା ୩ ହଜାର ୩୦୦ ଭୋଟ୍‌ରେ ଆଗୁଆ ଅଛନ୍ତି। ମାହାଙ୍ଗାରେ ଅଙ୍କିତ ପ୍ରତାପ ଜେନା ଆଗୁଆ ଅଛନ୍ତି। କେନ୍ଦ୍ରାପଡାରେ ଗଣେଶ୍ୱର ବେହେରା, ଆଳିରେ ପ୍ରତାପ କେଶରୀ ଦେବ, ତିର୍ତ୍ତୋଲରେ ରମାକାନ୍ତ ଭୋଇ, କାକଟପୁରରେ ତୁଷାରକାନ୍ତୀ ବେହେରା, ପୁରୀରେ ସୁନୀଲ କୁମାର ମହାନ୍ତି, ଭୁବନେଶ୍ୱର-କେନ୍ଦ୍ରରେ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର-ଉତ୍ତରରେ ସୁଶାନ୍ତ କୁମାର ରାଉତ, ଜଟଣୀରେ ବିଭୂତି ଭୂଷଣ ବଳବନ୍ତରାୟ, ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗୁଆ ଅଛନ୍ତି।

୧୬ଟି ବିଧାନସଭା ଆସନରେ **କଂଗ୍ରେସ୍** ଆଗୁଆ ରହିଛି। ରାଜଗାଙ୍ଗପୁର, ଭୋଗରାଇ, ଭଣ୍ଡାରିପୋଖରି, ବାସୁଦେବପୁର, ବଲାଙ୍ଗିର, ଭବାନୀପାଟଣା, କଟକ-ବାରବାଟୀ, ସାନଖେମୁଣ୍ଡି, ମୋହନା, ପାରଳାଖେମୁଣ୍ଡି, ଗୁଣୁପୁର, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଏବଂ ଚିତ୍ରକୋଣ୍ଡାରେ କଂଗ୍ରେସ ଦଳର ପ୍ରାର୍ଥୀ ଆଗୁଆ ଅଛନ୍ତି।

ବଣେଇ ବିଧାନସଭା ଆସନରେ ସିପିଆଇଏମ୍‌ର ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ୧୧ ରାଉଣ୍ଡ ଗଣତି ସୁଦ୍ଧା ୧୩ ହଜାର ୮୦୦ରୁ ଅଧିକ ଭୋଟ୍ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀଙ୍କଠାରୁ ଆଗୁଆ ଅଛନ୍ତି ।

**ବଡମ୍ବା** ବିଧାନସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଦଳବେହେରା ୬ ରାଉଣ୍ଡ ଗଣତି ଶେଷ ସୁଦ୍ଧା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀଙ୍କଠାରୁ ୧ ହଜାର ୩୦୦ରୁ ଅଧିକ ଭୋଟ୍‌ରେ ଆଗୁଆ ଅଛନ୍ତି ।

## ସ୍ୱ-ଘୋଷଣା ପ୍ରମାଣପତ୍ର-ବିଜ୍ଞାପନ

କୌଣସି ବିଜ୍ଞାପନ ପ୍ରକାଶନ କିମ୍ବା ପ୍ରସାରଣ ପୂର୍ବରୁ ଏଣିକି ବିଜ୍ଞାପନଦାତା ଅଥବା ବିଜ୍ଞାପନ ସଂସ୍ଥା ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି । ଚଳିତମାସ ୧୮ ତାରିଖଠାରୁ ଏହା କାର୍ଯ୍ୟକାରୀ ହେବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରେସ୍ କାଉନ୍‌ସିଲ୍‌ର ଅଫ୍ ଇଣ୍ଡିଆ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିପାଇଁ ପ୍ରସାରଣ ସେବା ପୋର୍ଟାଲ ଆରମ୍ଭ କରାଯାଇଛି । ଏହି ସ୍ୱଘୋଷଣାନାମା ଟିଭି, ରେଡିଓ, ଇଣ୍ଟରନେଟ୍, ଡିଜିଟାଲ ଓ ଛାପା ମାଧ୍ୟମରେ ବିଜ୍ଞାପନ କ୍ଷେତ୍ରରେ ଦାଖଲ କରିବାକୁ ପଡିବ। ସୂଚନା ଅନୁଯାୟୀ, ବିଜ୍ଞାପନଦାତାମାନେ ପୋର୍ଟାଲ ଜରିଆରେ ପ୍ରାଧିକୃତ ପ୍ରତିନିଧିଙ୍କ ଦ୍ୱାରା ସ୍ୱାକ୍ଷରିତ ସାର୍ଟିଫିକେଟ୍ ଦାଖଲ କରିବେ। ଏହିସବୁ ସ୍ୱ-ଘୋଷଣାନାମା ପ୍ରମାଣପତ୍ରରେ ବିଜ୍ଞାପନରେ କୌଣସି ବିଭ୍ରାନ୍ତିକର ସୂଚନା ଦିଆଯାଇନାହିଁ ବୋଲି ଉଲ୍ଲେଖ ରହିବ।

## ବିଜୟ ଶୋଭାଯାତ୍ରା-କଟକଣା

ଲୋକସଭା ଓ ବିଧାନସଭା ନିମନ୍ତେ ଆଜି ରାଜ୍ୟରେ ଭୋଟଗଣତି ଜାରି ରହିଥିବାବେଳେ ବିଜୟ ଶୋଭାଯାତ୍ରା ଉପରେ କଟକଣା ଜାରି କରାଯାଇଛି। ସୂଚନା ଅନୁଯାୟୀ, ବିଜୟଲାଭ କରିବା ପରେ କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ପୁଲିସ୍‌ର ବିନା ଅନୁମତିରେ ଶୋଭାଯାତ୍ରା କରିପାରିବେ ନାହିଁ ଓ ବାଣ ମଧ ଫୁଟାଇପାରିବେ ନାହିଁ। ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ କହିଛନ୍ତି, ସମସ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଏ ନେଇ ନିର୍ଦ୍ଦେଶ ଜାରି କରାଯାଇଛି। ସେ କହିଛନ୍ତି, ବାଣ ଫୁଟାଇବା ଯୋଗୁଁ ପୁରୀରେ ବଡ଼ ଧରଣର ଅଘଟଣ ଘଟିବା ପରେ ଏଭଳି କଟକଣା ଜାରି କରାଯାଇଛି। ଏହାଛଡ଼ା ବିନା ଅନୁମତିରେ କୌଣସି ଶୋଭାଯାତ୍ରା ବାହାର କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଦୁଇ ହଜାର ଟଙ୍କିଆ ନୋଟ୍ ଫେରସ୍ତ

ଦୁଇ ହଜାର ଟଙ୍କିଆ ନୋଟ୍ ଫେରସ୍ତ ପ୍ରକ୍ରିୟାରେ ଗତମାସ ୧୯ ତାରିଖ ସୁଦ୍ଧା ୯୭ ଦଶମିକ ୮/୨ ପ୍ରତିଶତ ନୋଟ୍ ବ୍ୟାଙ୍କକୁ ଫେରିଥିବା ଜଣାପଡିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଚଳିତବର୍ଷ ମଇ ୩୧ ତାରିଖ ସୁଦ୍ଧା ୭ ହଜାର ୭୫୫ କୋଟି ଟଙ୍କାର ନୋଟ୍ ଲୋକଙ୍କ ପାଖରେ ରହିଛି। ଗତବର୍ଷ ମଇ ୧୯ରେ ଏହି ନୋଟ୍‌କୁ ପ୍ରତ୍ୟାହାର କରିବା ଲାଗି ଘୋଷଣା ସମୟରେ ଦେଶରେ ୩ ଲକ୍ଷ ୫୬ ହଜାର

କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ରହିଥିଲା । ଏହି ନୋଟ୍‌କୁ ବଦଳ ଏବଂ ଜମା କରିବା ପାଇଁ ୨୦୨୩ ଅକ୍ଟୋବର ୭ ଶେଷ ତାରିଖ ଥିବାବେଳେ ଏବେ କେବଳ ରିଜର୍ଭ ବ୍ୟାଙ୍କର ୧୯ଟି କାର୍ଯ୍ୟାଳୟରେ ଏହାକୁ ବଦଳ ଏବଂ ଜମା କରାଯାଇପାରିବ ।

# ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା

କେନ୍ଦ୍ରୀୟ ଲୋକସେବା ଆୟୋଗ ୟୁପିଏସ୍‌ସି ଦ୍ୱାରା ପରିଚାଳିତ ଭାରତୀୟ ପ୍ରଶାସନିକ ସେବାର ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୧୬ ତାରିଖ ଦିନ ଅନୁଷ୍ଠିତ ହେବ । ଏହାର ସପ୍ତାହେ ପୂର୍ବରୁ ୟୁପିଏସ୍‌ସିର ୱେବ୍‌ସାଇଟ୍‌ରେ ପ୍ରମାଣପତ୍ର କାର୍ଡ ଉପଲବ୍ଧ ହେବ । ଏହି ୱେବ୍‌ସାଇଟ୍‌ରୁ ପରୀକ୍ଷାର୍ଥୀ ତାଙ୍କର ପ୍ରମାଣପତ୍ର କାର୍ଡକୁ ଡାଉନ୍‌ଲୋଡ କରିପାରିବେ ବୋଲି ୟୁପିଏସ୍‌ସି କହିଛି । ଚଳିତବର୍ଷ ଏକହଜାର ୫୬ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

# ମିଳିତ ପ୍ରବେଶିକା ପରୀକ୍ଷା

୨୦୨୪-୨୫ ଶିକ୍ଷାବର୍ଷ ପାଇଁ **NCERT** ର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବିଭିନ୍ନ ପାଠ୍ୟକ୍ରମ ପାଇଁ ମିଳିତ ପ୍ରବେଶିକା ପରୀକ୍ଷା ଆଗାମୀ ୧୬ ତାରିଖରେ ଅନୁଷ୍ଠିତ ହେବ । ଭୁବନେଶ୍ୱର, ଭୋପାଳ, ଆଜମେର, ମହୀସୁର ଏବଂ ସିଲଙ୍ଗରେ ନାମଲେଖାପାଇଁ ଏହି ପରୀକ୍ଷା କରାଯିବ । ଚଳିତବର୍ଷ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆଜି ହେଉଛି ଆବେଦନ ପତ୍ର ଦାଖଲର ଶେଷ ତାରିଖ । ତେବେ ପରୀକ୍ଷା

ସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ପରୀକ୍ଷାର୍ଥୀ **www.cee.ncert.gov.in** ରେ ଲଗ୍ଇନ୍ କରିପାରିବେ ।

## ପାଣିପାଗ-ମୌସୁମୀ ବାୟୁ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୪ ରୁ ୫ ଦିନ ମଧ୍ୟରେ ଓଡ଼ିଶା ସ୍ପର୍ଶ କରିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ପ୍ରଥମେ ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ପ୍ରବେଶ କରିବା ସମ୍ଭାବନା ରହିଛି । ଏଥିପାଇଁ ପାଗ ଅନୁକୂଳ ଥିବା ଜଣାପଡିଛି । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି କୁହାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୪ ଦିନ ମଧ୍ୟରେ ଦିନ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ରାଜ୍ୟର କେତେକ ଅଂଚଳରେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ପାଇଥିଲା । ଆଜି ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି ।

**********************************